# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14 July - 2024**

**News Editor : *Itishree Singh Rathaur***

## ସନ୍ଧ୍ୟାଦର୍ଶନ

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ଶ୍ରୀଜୀଉଙ୍କ ନବମୀ ଦର୍ଶନ ତଥା ସନ୍ଧ୍ୟାଦର୍ଶନ ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ । ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁସାରେ ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନବମୀ ସନ୍ଧ୍ୟା ଦର୍ଶନ କରିପାରିବେ । ମହାପ୍ରଭୁଙ୍କର ବାହୁଡ଼ା ଯାତ୍ରା ପାଇଁ ସନ୍ଧ୍ୟାଦର୍ଶନ ପରେ ଗୁପ୍ତନୀତି ଅନୁଷ୍ଠିତ ହେବ ।

## ଶୃଙ୍ଖଳିତ ଯାତ୍ରା-ପୁରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପୁରୀଯାଇ ରଥଯାତ୍ରାର ଅବଶିଷ୍ଟ ରୀତନୀତି ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିଳାଦ୍ରୀ ବିଜେ ଶେଷ ହେବା ପର୍ଯ୍ୟନ୍ତ ପୁରୀରେ ଉପସ୍ଥିତ ରହି ଶ୍ରୀଗୁଣ୍ଡିଚା ଯାତ୍ରାର ନୀତିକାନ୍ତି ସୁବ୍ୟବସ୍ଥିତ ଓ ଶୃଙ୍ଖଳିତଭାବେ ଅନୁଷ୍ଠିତ ହେବା ତଥା ଶ୍ରଦ୍ଧାଳୁମାନଙ୍କର ଯେଉଳି କୌଣସି ଅସୁବିଧା ନ ହୁଏ ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ରତ୍ନଭଣ୍ଡାର ଖୋଲା ପ୍ରସଙ୍ଗ

 ଶ୍ରୀମନ୍ଦିର ରତ୍ନଭଣ୍ଡାର ଆଜି ଖୋଲାଯିବା ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏଥିପାଇଁ ସହିତ ସରକାରଙ୍କ ତରଫରୁ ମାର୍ଗଦର୍ଶିକା ଜାରି କରାଯାଇଛି । ରତ୍ନଭଣ୍ଡାର କେତେବେଳେ ଖୋଲାଯିବ ତାହା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯାଇଛି । ଚାବି ଯଦି ନ ଖୋଲେ ତେବେ ତାଲା ଭଙ୍ଗାଯିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହି ସମୟରେ କେବଳ ଅଧିକୃତ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବେ । ରତ୍ନଭଣ୍ଡାର ଗଣତି ମଣତି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟତା ନିଆଯିବ । ଅଳଙ୍କାର ସଂଖ୍ୟା, ଓଜନ ଓ ମାନର ମଧ୍ୟ ପରୀକ୍ଷଣ ଓ ନିର୍ଦ୍ଧାରଣ କରାଯିବ । ରତ୍ନଭଣ୍ଡାର ଖୋଲାହେବା ବେଳର ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ ।  ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ୧୯୭୮ମସିହାରେ ରତ୍ନଭଣ୍ଡାର ଖୋଲା ଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଶୋକ

ମୟୂରଭଞ୍ଜ ଜିଲ୍ଲା ବାରିପଦା ସଡକ ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଶୋକ ପ୍ରକାଶ କରିଛନ୍ତି । ଏହାସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି ।  ଏହି ଘଟଣାରେ ଆହତ

ହୋଇଥିବା ୬ଜଣଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଜଳଭଣ୍ଡାର

ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଦେଶର ସମସ୍ତ ଅଞ୍ଚଳକୁ ସ୍ପର୍ଶ କରିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି । କେନ୍ଦ୍ରୀୟ ଜଳ କମିଶନଙ୍କ ସୂଚନା ଅନୁସାରେ ଦେଶର ୧୫୦ଟି ବୃହତ୍ ଜଳଭଣ୍ଡାର ଜଳସ୍ତର ୨୬ପ୍ରତିଶତ  ବୃଦ୍ଧି ପାଇଛି । ବର୍ତ୍ତମାନ ଏହି ଜଳଭଣ୍ଡାରଗୁଡିକରେ ମୋଟ ୪୬ ଦଶମିକ ୩୧୧ ବିଲିୟନ ଘନମିଟର ଜଳ ଗଚ୍ଛିତ ରହିଥିବା କମିଶନଙ୍କ ପକ୍ଷରୁ କୁହାଯାଇଛି ।

## ହାତୀ ପ୍ରଶିକ୍ଷଣ କେନ୍ଦ୍ର

ଶିମିଳିପାଳ, ସାତକୋଶିଆ ଏବଂ କପିଳାସରେ ତିନୋଟି ହାତୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ ବୋଲି  ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ବନ୍ୟପ୍ରାଣୀ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଚନ୍ଦକା-ଡମପଡା ଅଭୟାରଣ୍ୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରଥମ କୁମ୍‌କି ହାତୀ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସୂଚନା ଅନୁସାରେ ହାତୀକୁ ପ୍ରଶିକ୍ଷଣ ଦେବା ପାଇଁ ତିନୋଟି ସୁଧାର ଗୃହ ଖୋଲାଯିବ । ରାଜ୍ୟର ହାତୀ ଗଣନା ୨୦୨୪ ସୂଚନା ଅନୁସାରେ ୫୮ଟି ବନାଞ୍ଚଳରେ ମୋଟ ୨ହଜାର ୯୮ ହାତୀ ଅଛନ୍ତି ।

# ବିଦେଶୀ ମୁଦ୍ରା ଭଣ୍ଡାର

ଦେଶର ବିଦେଶୀ ମୁଦ୍ରାଭଣ୍ଡାର ରେକର୍ଡ ସ୍ତରରେ ପହଞ୍ଚିଛି । ଭାରତୀୟ ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ ଚଳିତମାସ ୫ତାରିଖ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୬ଶହ ୫୭ ବିଲିୟନ ଆମେରିକୀୟ ଡଲାରରୁ ଊର୍ଦ୍ଧ୍ୱ ଥିଲା ।

# ଜଳାତଙ୍କ ରୋଗ କ୍ଲିନିକ୍

ରାଜ୍ୟରେ ଜଳାତଙ୍କ ରୋଗ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଥିବାରୁ ୧୬ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଦର୍ଶ ଜଳାତଙ୍କ କ୍ଲିନକ୍ ଖୋଲିବା ପାଇଁ ସରକାରୀସ୍ତରରେ ପଦକ୍ଷେପ ନିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ଜନସ୍ୱାସ୍ଥ୍ୟ ମିଶନ, ରାଜ୍ୟ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଯୋଜନା ଅଧିନରେ ଜଳାତଙ୍କ କ୍ଲିନିକ୍‌ଗୁଡିକ ଖୋଲାଯିବ । ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ଝାରସୁଗୁଡା, କେନ୍ଦ୍ରାପଡା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ନୟାଗଡ, ପୁରୀ, ରାୟଗଡା, ସୁନ୍ଦରଗଡ ଏବଂ କ୍ୟାପିଟାଲ ଡାକ୍ତରଖାନାରେ କୁକୁର କାମୁଡା ଜନିତ ଜଳାତଙ୍କ ରୋଗର  ନିରାକରଣ ପାଇଁ ବ୍ୟବସ୍ଥା କରାଯିବ ।

# ପୂର୍ବତଟ ରେଳପଥ

ପୂର୍ବତଟ ରେଳବାଇ ପକ୍ଷରୁ ରେଳଡବା, ଟ୍ରାକ ଏବଂ ଷ୍ଟେସନଗୁଡିକରେ ସ୍ୱଚ୍ଛତାକୁ ନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ବର୍ଜ୍ୟବସ୍ତୁଗୁଡିକୁ ଉପଯୁକ୍ତ ସ୍ଥାନରେ ରଖିବାକୁ ଯାତ୍ରୀମାନଙ୍କୁ ସଚେତନ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ । ରେଳଯାତ୍ରୀଙ୍କର ଯାତ୍ରାକୁ  ସୁଗମ କରିବା ନିମନ୍ତେ ଏକ ସୁସ୍ଥ ଭ୍ରମଣ ପରିବେଶ ସୃଷ୍ଟି କରିବା ପାଇଁ ରେଳବାଇ ପକ୍ଷରୁ କୁହାଯାଇଛି ।

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆଜିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ରାୟଗଡା, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।